**ASBM** Asian School of Business Management

| | |
|---|---|
| **NEWSPAPER** | The Samaja |
| **DATE:** | Wednesday, December 20, 2017 |
| **PAGE:** | Page 10 |

ସମାଜ
The Samaja

# ଏଏସ୍‌ବିଏମ୍‌ରେ ଷ୍ଟାର୍ଟଅପ୍ କାର୍ଣ୍ଣିଭାଲ୍ ଓ ଇଗନାଇଟ୍-୨୦୧୭

ଭୁବନେଶ୍ୱର,୧୯।୧୨(ନି.ପ୍ର): ଏସିଆନ୍ ସ୍କୁଲ୍ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଭା ଅନ୍ୱେଷଣ ପର୍ବ 'ଇଗନାଇଟ୍' ୨୦୧୭କୁ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ତୋଷାଳି ସ୍ୟାଣ୍ଡ୍‌ସର ନିର୍ଦ୍ଦେଶକ ହରିହର ପାତ୍ର ଯୁବକଙ୍କ ପାଇଁ କ୍ୟାରିୟର ମନୋନୟନ ଉପରେ ଆଲୋକପାତ କରିଥିଲେ । ସ୍ୱାଗତ ଭାଷଣ ଦେଇ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର୍ (ଡ.) ବିଶ୍ୱଜିତ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ଚିରାଚରିତ ଧାରାରୁ ବାହାରକୁ ବାହାରି ବର୍ତ୍ତମାନର ବ୍ୟବସାୟିକ ଦୃଶ୍ୟପଟ୍ଟ ପରିପ୍ରେକ୍ଷୀରେ ପ୍ରତିଯୋଗିତାମୂଳକ ଭାବରେ ନୂତନ ସମ୍ଭାବନାର ଅନ୍ୱେଷଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଦୁଇଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ କର୍ପୋରେଟ୍ ଋଣକ୍ୟ, ବିଜିନେସ୍ କ୍ୱିଜ୍, ଗ୍ରାଫିଟି, ଭଏସ୍ ଅଫ୍ ଇଗ୍‌ନାଇଟ୍, ଇଂରାଜୀ ବିତର୍କ, ୱାର୍ ଅଫ୍ ବ୍ୟାଣ୍ଡସ, ଫ୍ୟାସନ୍ ଶୋ, ଡ୍ୟାଞ୍ଜା (ଦି ଡ୍ୟାନ୍‌ସିଂ ସୁପରଷ୍ଟାର୍) ଏବଂ କ୍ୟୁ ଫିଏଷ୍ଟା (ଦି କ୍ୱିଜ୍ ପ୍ରତିଯୋଗିତା) ଆଦିର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ସାଂସଦ ଡ଼ା ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କମ୍ପ୍ୟୁଟର ଲାବ୍‌ର ଏମ୍‌ଡି ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ସନ୍ତୋଷ କୁମାର ସାହୁ ଏବଂ ବ୍ୟାଙ୍କର ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ ।

